# NATIONAL NEWS BULLETIN (ODIA)

**30 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- କୌଣସି ପରିସ୍ଥିତିରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ; ରାଷ୍ଟ୍ରୀୟ ସୁରକ୍ଷା ସମ୍ମିଳନୀରେ ପ୍ରତିରକ୍ଷାମନ୍ତ୍ରୀଙ୍କ ଦୃଢ଼ୋକ୍ତି ।

- ଜାମ୍ମୁତାୱି ଷ୍ଟେସନରୁ ସମ୍ପ୍ରସାରିତ ଶ୍ରୀନଗର-ଜାମ୍ମୁ ବନ୍ଦେଭାରତ ଏକ୍ସପ୍ରେସ ସେବାର ଶୁଭାରମ୍ଭ କଲେ ରେଳମନ୍ତ୍ରୀ ।

- ଗଣତନ୍ତ୍ରରେ ମହିଳାମାନଙ୍କ ପ୍ରତିନିଧିତ୍ୱ ଉପରେ ଆଲୋଚନା ପାଇଁ ଓଡ଼ିଶା ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଜାରି ।

- ହର୍ମୁଜ ପ୍ରଣାଳୀରେ ୪୨ଟି ତୈଳ ଟ୍ୟାଙ୍କରକୁ ଆମେରିକା ସେନାର ଅବରୋଧ, ଇରାନ୍‌ର ତୀବ୍ର ପ୍ରତିକ୍ରିୟା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ହେବ ମୁକାବିଲା ।

---

## ରାଜନାଥ-ସିକ୍ୟୁରିଟି ସମିତ

ଭାରତ କୌଣସି ପରିସ୍ଥିତିରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ବରଦାସ୍ତ କରିବ ନାହିଁ । ଅପରେସନ ସିନ୍ଦୂରରେ ଭାରତ ସାରା ବିଶ୍ୱକୁ

ଏହି ବାର୍ତ୍ତା ଦେଇଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ନୂଆଦିଲ୍ଲୀରେ ରାଷ୍ଟ୍ରୀୟ ସୁରକ୍ଷା ସମ୍ମିଳନୀ ଟୁ ପଏଣ୍ଟ ଓକୁ ସମ୍ବୋଧିତ କରି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଭାରତ ଆଉ ପୁରୁଣା ମାନସିକତାକୁ ନେଇ ଆଗକୁ ବଢୁନାହିଁ । ଭାରତ ମାଟିରେ ଆତଙ୍କବାଦୀ ଆକ୍ରମଣ ହେଲେ ଆମେ ଆଗଭଳି କେବଳ କୂଟନୈତିକ ବିବୃତ୍ତି ଜାରି ନକରି ଏହାର ଉଚିତ ଜବାବ ଦେଉଛୁ । ଆତଙ୍କବାଦ ଏବଂ ଏହାର ପୃଷ୍ଠପୋଷକଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନ ରଖିବାର ସରକାରୀ ନୀତିକୁ ସେ ଦୋହରାଇବା ସହ ପାକିସ୍ତାନକୁ ଅନ୍ତର୍ଜାତୀୟ ଆତଙ୍କବାଦର କେନ୍ଦ୍ର ଏବଂ ଭାରତକୁ ସୂଚନା ଓ ପ୍ରଯୁକ୍ତିବିଦ୍ୟାର କେନ୍ଦ୍ର ବୋଲି ବର୍ଣ୍ଣନା କରିଥିଲେ ।

**V/O (Rajnath Singh)**

ନୂତନ ବିଶ୍ୱ ବ୍ୟବସ୍ଥାର ଆବଶ୍ୟକତା ଏବଂ ଏହାର ବିଭିନ୍ନ ଦିଗ ଅନୁଯାୟୀ ଶାସନକୁ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରି ପ୍ରତିରକ୍ଷାମନ୍ତ୍ରୀ କହିଥିଲେ ପରିବର୍ତ୍ତିତ ବିଶ୍ୱ ବ୍ୟବସ୍ଥାରେ ଅଧିକ ସତର୍କତାର ସହ ଆଗକୁ ବଢ଼ିବାର ଆବଶ୍ୟକତା ରହିଛି । ପଶ୍ଚିମ ଏସିଆ ସଂଘର୍ଷ ମଧ୍ୟରେ ଯୁଗରେ ଦ୍ରୁତ ପରିବର୍ତ୍ତନ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଦେଶକୁ ଏପରି ଏକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ସମ୍ମାନ ଏବଂ ମର୍ଯ୍ୟାଦା ପାଇବେ, ଯେଉଁଠାରେ କୌଣସି ମତଭେଦ ବିବାଦର ରୂପ ନେବନାହିଁ ଏବଂ କୌଣସି ବିବାଦ ବିନାଶର କାରଣ ହେବ ନାହିଁ । ଦେଶରେ କୃତ୍ରିମ ବୁଦ୍ଧିମତାର ଭୂମିକା ଉପରେ ଆଲୋକପାତ କରି ଶ୍ରୀ ସିଂହ କହିଛନ୍ତି ଏହି

ପ୍ରଯୁକ୍ତି ଭାରତୀୟ ସେନାର ଏକ ଅଭିଚ୍ଛେଦ୍ୟ ଅଙ୍ଗ ପାଲଟିଛି । ନୂତନ ବିଶ୍ୱ ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତା ଦେଶର ରଣନୈତିକ ପ୍ରସ୍ତୁତିର ଏକ ଅପରିହାର୍ଯ୍ୟ ଅଂଶ ପାଲଟିଯାଇଛି ବୋଲି ଶ୍ରୀ ସିଂହ କହିଥିଲେ ।

ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ପ୍ରତିରକ୍ଷା ରପ୍ତାନୀ ପୂର୍ବବର୍ଷ ତୁଳନାରେ ୬୨ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ହାସଲ କରି ୩୮ହଜାର ୪୨୪ କୋଟି ଟଙ୍କାରେ ପହଞ୍ଚିଛି ।

## ବୈଷ୍ଣବ-ବନ୍ଦେ ଭାରତ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଜାମ୍ମୁ ତାୱି ରେଳଷ୍ଟେସନରୁ ସମ୍ପ୍ରସାରିତ ଶ୍ରୀନଗର-ଜାମ୍ମୁ ବନ୍ଦେଭାରତ ଏକ୍ସପ୍ରେସ୍ ସେବାକୁ ଶୁଭାରମ୍ଭ କରିଛନ୍ତି । ପୂର୍ବରୁ ଶ୍ରୀନଗରରୁ ଶ୍ରୀମାତା ବୈଷ୍ଣୋଦେବୀ-କଟରା ପର୍ଯ୍ୟନ୍ତ ଚାଲୁଥିବା ଏହି ଟ୍ରେନ୍ ଏବେ ଜାମ୍ମୁତାୱି ପର୍ଯ୍ୟନ୍ତ ଚାଲିବ । ବର୍ଦ୍ଧିତ ମାର୍ଗରେ ନିୟମିତ ସେବା ଆସନ୍ତା ଶନିବାରଠାରୁ ଆରମ୍ଭ ହେବ । ଏହି ଟ୍ରେନ୍ ଏବେ ୮ଟି ପରିବର୍ତ୍ତେ ୨୦ଟି କୋଚ୍‌ରେ ଚଳାଚଳ କରିବ । ବନ୍ଦେଭାରତ ଟ୍ରେନ୍‌ର ସମ୍ପ୍ରସାରଣ ସହିତ ଯାତ୍ରୀମାନେ ଜାମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ୫ଘଣ୍ଟାରୁ କମ୍ ସମୟ ମଧ୍ୟରେ ଯାତ୍ରା କରିପାରିବେ । ଏହି ଅଞ୍ଚଳର ଭୌଗୋଳିକ ସ୍ଥିତି ଏବଂ ଅତ୍ୟଧିକ ଥଣ୍ଡା ପରିସ୍ଥିତିରେ ଚଳାଚଳ ପାଇଁ ଏହି ଟ୍ରେନ୍‌କୁ

ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି, ଯାହା ଶୂନ୍ୟ, ବିୟୁକ୍ତ ଶୂନ୍ୟ ଡିଗ୍ରୀ ତାପମାତ୍ରାରେ ମଧ୍ୟ ସୁଚାରୁରୂପେ କାର୍ଯ୍ୟକ୍ଷମ ହୋଇପାରିବ । ଏହି ଟ୍ରେନ୍ ସେବାର ଶୁଭାରମ୍ଭ ଅବସରରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଉପସ୍ଥିତ ଥିଲେ ।

## ଶାହା ଲଦାଖ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜିଠାରୁ ୨ ଦିନିଆ ଲଦାଖ ଗସ୍ତରେ ଯିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂପର୍କରେ ସୂଚନା ଦେଇ ଶ୍ରୀ ଶାହା କହିଛନ୍ତି, ଏହି ଗସ୍ତ ଅବସରରେ ସେ ଆସନ୍ତାକାଲି ବୁଦ୍ଧପୂର୍ଣ୍ଣିମା ଅବସରରେ ପ୍ରଥମଥର ଲାଗି ଅନୁଷ୍ଠିତ ହେବାକୁ ଥିବା ଭଗବାନ ବୁଦ୍ଧଙ୍କର ପବିତ୍ର ଦେହାବଶେଷ  ସର୍ବସାଧାରଣ ଦର୍ଶନ ସମାରୋହରେ ଅଂଶ ଗ୍ରହଣ କରିବେ । ବିଶ୍ୱର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଏଥିଲାଗତି ସେଠାରେ ପହଞ୍ଚୁଛନ୍ତି ବୋଲି ଶ୍ରୀ ଶାହା ସୂଚନା ଦେଇଛନ୍ତି ।

## ଓଡ଼ିଶା-ଆସେମ୍ବ୍ଲି

ଓଡ଼ିଶା ବିଧାନସଭାର ଏକ ସ୍ୱତନ୍ତ୍ର ଦିନିକିଆ ଅଧିବେଶନ ଆଜି ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହୋଇଛି । ଏହି ସ୍ୱତନ୍ତ୍ର ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ଉପରେ ଆଲୋଚନା ହୋଇଥିଲା । ମହିଳାମାନଙ୍କ ରାଜନୈତିକ

ପ୍ରତିନିଧିତ୍ୱ ଉପରେ ନୂତନ ଜାତୀୟ ବିତର୍କ ମଧ୍ୟରେ ଡକାଯାଇଥିବା ଏହି ଅଧିବେଶନ ଶାସନ, ନୀତିନିର୍ଦ୍ଧାରଣ ଏବଂ ବିଧାନସଭା ପ୍ରତିଷ୍ଠାନରେ ମହିଳାମାନଙ୍କ ଭୂମିକାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛି । ଶାସକ ବିଜେପି ମହିଳା ସଶକ୍ତିକରଣ ଏବଂ ଅଧିକ ପ୍ରତିନିଧିତ୍ୱ ପାଇଁ ସମର୍ଥନ ପ୍ରତି ଏହାର ପ୍ରତିବଦ୍ଧତାକୁ ସ୍ୱଷ୍ଟ କରି ଏକ ପ୍ରସ୍ତାବ ଆଗତ କରିଥିଲା ଏବଂ ଜାତୀୟ ସ୍ତରରେ ମହିଳା ସଂରକ୍ଷଣ ବିଲ୍ ଉପରେ ବିରୋଧୀ ଦଳଗୁଡ଼ିକର ମତ ଓ ଭୂମିକାକୁ ସମାଲୋଚନା କରିଥିଲା ।

ଅଧିବେଶନରେ ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଥିଲେ । ବିରୋଧୀ ବିଜୁ ଜନତା ଦଳ ଏବଂ କଂଗ୍ରେସ ସଦସ୍ୟମାନେ ନିର୍ବାଚନ ରାଜନୀତି ଏବଂ ଦଳୀୟ ସଂଗଠନରେ ମହିଳାମାନଙ୍କ ଅଂଶଗ୍ରହଣ ପାଇଁ ସେମାନଙ୍କ ଦଳର ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ରାଜନାଥ-କ୍ରୋସେଟୋ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀରେ ଇଟାଲୀ ପ୍ରତିରକ୍ଷା ମନ୍ତ୍ରୀ ଗୁଇଡୋ କ୍ରୋସେଟୋଙ୍କୁ ଭେଟିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଉଭୟ ନେତା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଉଭୟ ନେତା ସାମ୍ପ୍ରତିକ ସୁରକ୍ଷା ଦୃଷ୍ଟିକୋଣରୁ ବିଭିନ୍ନ ଆଞ୍ଚଳିକ ଏବଂ

ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ୨୦୨୩ ମସିହା ଅକ୍ଟୋବରରେ ପ୍ରତିରକ୍ଷା ମନ୍ତ୍ରୀ ରୋମ୍ ଗସ୍ତ କରିବା ପରେ ଭାରତ ଏବଂ ଇଟାଲୀ ମଧ୍ୟରେ ପ୍ରତିରକ୍ଷା ସହଯୋଗ ତ୍ୱରାନ୍ୱିତ ହୋଇଛି । ଏହା ହେଉଛି ଇଟାଲୀର ପ୍ରତିରକ୍ଷା ମନ୍ତ୍ରୀଙ୍କ ଭାରତକୁ ତୃତୀୟଥର ଗସ୍ତ ।

## ପିଏମ୍-ସାଂସ୍କ୍ରିଟ

ପରିଶ୍ରମୀ ଏବଂ ଦକ୍ଷ ନାଗରିକ ଭାରତର ସବୁଠାରୁ ବଡ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ସାମାଜିକ ଗଣମାଧ୍ୟମରେ 'ସଂସ୍କୃତ ସୁଭାଶୀତମ' ଶେୟାର କରି ଶ୍ରୀ ମୋଦୀ କହିଛନ୍ତି ଏହି ନାଗରିକମାନଙ୍କ କଠିନ ପରିଶ୍ରମ ଦ୍ୱାରା ବିକାଶର ନୂତନ ପଥ ପ୍ରସ୍ତୁତ ହୋଇଛି । ନାଗରିକମାନଙ୍କ ପ୍ରୟାସ ଦ୍ୱାରା ଦେଶ ସମୃଦ୍ଧି, ଆତ୍ମନିର୍ଭରଶୀଳତା ଏବଂ ପ୍ରଗତିର ଶିଖର ଛୁଇଁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଶାହା-ଗୁରୁ ଅମର ଦାସ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ତୃତୀୟ ଶିଖ ଧର୍ମଗୁରୁ ଅମର ଦାସଙ୍କ ଜୟନ୍ତୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ

ଗଣମାଧ୍ୟମରେ ଶ୍ରୀ ଶାହା ଗୁରୁଙ୍କୁ ସ୍ମରଣକରି କହିଛନ୍ତି ଅହଂକାର ପରିତ୍ୟାଗ କରି ସେବା, ସମର୍ପଣ ଏବଂ ଭଗବାନଙ୍କ ନାମ ସ୍ମରଣର ମାର୍ଗକୁ ଗ୍ରହଣ କରିବା ପାଇଁ ସେ ମାନବ ଜାତିକୁ ପ୍ରେରଣା ଦେଇଥିଲେ । ସମାଜରେ ମହିଳାମାନଙ୍କ ପାଇଁ ସମ୍ମାନ ଏବଂ ସମାନ ଅଧିକାର ସୁନିଶ୍ଚିତ କରିବା ଦିଗରେ ଗୁରୁ ଅମର ଦାସଙ୍କ ବୈପ୍ଳବିକ ପଦକ୍ଷେପ ଉପରେ ଶ୍ରୀ ଶାହା ଆଲୋକପାତ କରିଥିଲେ ।

## ଏସ୍‌ସି-ପ୍ରେଗେନ୍ସି

୧୫ ବର୍ଷୀୟ ନାବାଳିକା ୩୦ ସପ୍ତାହର ଗର୍ଭଧାରଣକୁ ପରିତ୍ୟାଗ କରିପାରିବ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ଦେଇଥିବା ଆଦେଶକୁ ଖାରଜ କରିବା ପାଇଁ ଏମ୍ସର ଆବେଦନ ଉପରେ ସୁପ୍ରିମକୋର୍ଟ ଆପତ୍ତି ଉଠାଇଛନ୍ତି । ଏ ସମ୍ପର୍କିତ ମାମଲାର ଶୁଣାଣିବେଳେ ସୁପ୍ରିମକୋର୍ଟ କହିଛନ୍ତି, ଦୁଷ୍କର୍ମର ଶିକାର ହୋଇ ମାତୃତ୍ୱଲାଭ କରୁଥିବା ନାବାଳିକାଙ୍କ କ୍ଷେତ୍ରରେ କଠୋର ସମୟସୀମା ରହିବା ଉଚିତ୍ ନୁହେଁ । ଦୁଷ୍କର୍ମ ପୀଡିତାମାନେ ଯେପରି ୨୦ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ଅବାଞ୍ଛିତ ଗର୍ଭଧାରଣର ଆଇନ୍‌ଗତ ସୁଯୋଗ ପାଇପାରିବେ ସେଥିପ୍ରତି ଦୃଷ୍ଟିଦେଇ ଆଇନ୍‌ରେ ସଂଶୋଧନ ଆଣିବା ଉପରେ କେନ୍ଦ୍ର ବିଚାର କରୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ

ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଦର୍ଶାଇଛନ୍ତି ଯଦି ଅବାଞ୍ଛିତ ଗର୍ଭପାତକୁ ଅନୁମତି ଦିଆ ନଯାଏ ତେବେ ପୀଡିତା ଜୀବନବ୍ୟାପୀ ଆଘାତ ସହିବେ । ତେଣୁ ଏ କ୍ଷେତ୍ରରେ ପୀଡିତାଙ୍କ ନ୍ୟାୟପୂର୍ଣ୍ଣ ଓ ସମ୍ମାନଜନକ ଜୀବନ ବିତାଇବା ପାଇଁ ପିତାମାତାଙ୍କୁ ପରାମର୍ଶ ଦେବାକୁ ସୁପ୍ରିମକୋର୍ଟ ଏମ୍ସକୁ ନିର୍ଦ୍ଦେଶ ଦେଇଛନ୍ତି ।

## ୟୁଏସ୍-ଭେସେଲ

ସାମୁଦ୍ରିକ ବାଣିଜ୍ୟକୁ ଇରାନ୍‌ର ବନ୍ଦରକୁ ପ୍ରବେଶ କିମ୍ବା ପ୍ରସ୍ଥାନରୁ ରୋକିବା ଉଦ୍ଦେଶ୍ୟରେ ୪୨ଟି ଜାହାଜକୁ ଆମରେକିା ସେନା ଅଟକାଇଛି ବୋଲି ଘୋଷଣା କରିଛି । ଆମେରିକାର ସେଣ୍ଟ୍ରାଲ କମାଣ୍ଡର ବ୍ରାଡ୍ କୁପର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏକ ବିବୃତ୍ତି ଜାରି କରି କହିଛନ୍ତି ଏହି ଅପରେସନର ଫଳସ୍ୱରୂପ ୪୧ଟି ଟ୍ୟାଙ୍କର ବର୍ତ୍ତମାନ ଅଟକି ରହିଛି । ଏଥିରେ ପ୍ରାୟ ୬୯ ନିୟୁତ ବ୍ୟାରେଲ ତୈଳ ରହିଛି । ଅବରୋଧକୁ ଅତ୍ୟନ୍ତ ପ୍ରଭାବଶାଳୀ ବର୍ଣ୍ଣନା କରି କୁପର କହିଛନ୍ତି ଆମେରିକାର ସେନାବାହିନୀ ଏହାର ସମ୍ପୂର୍ଣ୍ଣ କାର୍ଯ୍ୟକାରୀତା ପାଇଁ ପ୍ରତିଶ୍ରୁତିବଦ୍ଧ । ଅନ୍ୟପକ୍ଷରେ ଆମେରିକା ସେନାର ଏହି ପଦକ୍ଷେପକୁ ଦୃଢ଼ ନିନ୍ଦା କରିବା ସହ ଏହା ଏକ ଖୋଲାଖୋଲି ଡକାୟତି କାର୍ଯ୍ୟ ବୋଲି ଇରାନ କହିଛି । ଇରାନ୍ ବିରୋଧରେ ନୌସେନା ଅବରୋଧ ରୂପରେ ଏହି ଡକାୟତି

କାର୍ଯ୍ୟକଳାପ ପାଇଁ ଆମେରିକା ଖୁବ୍‌ଶୀଘ୍ର ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ ବୋଲି ଇରାନ୍‌ର ମୁଖ୍ୟ ସାମରିକ କମାଣ୍ଡ ପକ୍ଷରୁ କୁହାଯାଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ମୁମ୍ବାଇ ଇଣ୍ଡିଆନ୍ସକୁ ୬ ଉ୍ଵିକେଟ୍‌ରେ ପରାସ୍ତ କରିଛି ।

ଟେବୁଲ ତାଲିକାରେ ୮ଟି ମ୍ୟାଚ୍‌ରୁ ୧୩ ପଏଣ୍ଟ ସହ ପଞ୍ଜାବ କିଙ୍ଗ୍‌ସ ଶୀର୍ଷରେ ଥିବାବେଳେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ତୃତୀୟ ଓ ରାଜସ୍ଥାନ ରୟାଲ୍ସ ଚତୁର୍ଥ ସ୍ଥାନରେ ରହିଛନ୍ତି ।